# NATIONAL NEWS BULLETIN (ODIA)

## 24 June - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ଦେଶରେ ସଂଗ୍ରହାଳୟ ବିକାଶ ଲକ୍ଷ୍ୟ ନେଇ ରାଜ୍ୟସ୍ତରୀୟ କମିଟି ଗଠନ କରିବାକୁ ପରାମର୍ଶ ଦେଲେ ପ୍ରଧାନମନ୍ତ୍ରୀ ।

- ଅପରେସନ୍ ସିନ୍ଧୁ ଅଧୀନରେ ଗତ ସନ୍ଧ୍ୟାରେ ଇରାନ୍‌ର ମସ୍‌ଦାହରୁ ୨୯୦ ଭାରତୀୟଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ।

- ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ବେଜିଂଠାରେ ଚୀନ୍‌ର ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ସହ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ସାକ୍ଷାତ ଆଲୋଚନା ।

- ଇରାନ୍ ଏବଂ ଇସ୍ରାଏଲ୍ ସମ୍ପୂର୍ଣ୍ଣ ଯୁଦ୍ଧବିରତି ପାଇଁ ସହମତ ହୋଇଥିବା ଘୋଷଣା କଲେ ଆମେରିକା ରାଷ୍ଟ୍ରପତି ।

ଏବଂ

- ହେଡିଂଲେ ଟେଷ୍ଟରେ ବିଜୟ ହାସଲ ପାଇଁ ଇଂଲଣ୍ଡ ସମ୍ମୁଖରେ ୩୭୧ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଛି ଭାରତ ।

## ମୋଦୀ-ପିଏମ୍ ମ୍ୟୁଜିୟମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସଂଗ୍ରହାଳୟ ଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଲୋକଙ୍କୁ ଇତିହାସ ସମ୍ପର୍କରେ ସୂଚନା ପ୍ରଦାନ କରିବାରେ ସହାୟକ ହୋଇଥାଏ । ନୂଆଦିଲ୍ଲୀ ତିନ୍‌ମୂର୍ତ୍ତି ଭବନରେ ଗତକାଲି ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଓ ପାଠାଗାର ପରିଷଦର ୪୭ତମ ବାର୍ଷିକ ସାଧାରଣ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ମୋଦୀ ଏହା କହିଛନ୍ତି । ସଂଗ୍ରହାଳୟ ପ୍ରତି ଜନଆଗ୍ରହ ସୃଷ୍ଟି କରିବା ଏବଂ ସଂଗ୍ରହାଳୟ ପ୍ରତିଷ୍ଠା ବୃଦ୍ଧି ନେଇ ନିରନ୍ତର ପ୍ରୟାସର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ବର୍ତ୍ତମାନର ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ତଥ୍ୟ ସୁରକ୍ଷିତ ରଖିବା ଦ୍ୱାରା ଆଗାମୀ ପିଢ଼ି ବିଶେଷ କରି ଗବେଷକମାନେ ଉପକୃତ ହୋଇପାରିବେ । ଦେଶର ସମସ୍ତ ସଂଗ୍ରହାଳୟର ଏକ ବ୍ୟାପକ ଜାତୀୟ ଡାଟାବେଶ୍ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି । ସଂଗ୍ରହାଳୟ ବିକାଶର ନୂତନ ଚିନ୍ତାଧାରା ଏବଂ ଦୃଷ୍ଟିକୋଣକୁ କାର୍ଯ୍ୟକାରି କରିବା ଲକ୍ଷ୍ୟ ନେଇ ପ୍ରତ୍ୟେକ ରାଜ୍ୟରେ ୩୫ ବର୍ଷରୁ କମ୍ ବୟସର ୫ ଜଣ ବ୍ୟକ୍ତିଙ୍କୁ ନେଇ ଏକ କମିଟି ଗଠନ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଏହି ସଂଗ୍ରହାଳୟକୁ ୨୦୨୨ ମସିହାରେ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ଦେଶର ସମସ୍ତ ପ୍ରଧାନମନ୍ତ୍ରୀଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ ତଥା ଗଣତାନ୍ତ୍ରିକ ସମାଜରେ ପ୍ରତ୍ୟେକ ବର୍ଗ ଏବଂ ସ୍ତରର ନେତା ରାଷ୍ଟ୍ର ନିର୍ମାଣରେ ଦେଇଥିବା ଯୋଗଦାନର ସ୍ମାରକୀ ଏହି ସଂଗ୍ରହାଳୟରେ ପ୍ରଦର୍ଶିତ ହେଉଛି । ବୈଠକରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ରାଜନାଥ ସିଂହ, ନିର୍ମଳା ସୀତାରମଣ, ଅଶ୍ୱିନୀ ବୈଷ୍ଣବ, ଗଜେନ୍ଦ୍ର ସିଂହ ଶେଖାୱତ ଏବଂ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

## ଅପରେସନ ସିନ୍ଧୁ

ଅପରେସନ ସିନ୍ଧୁ ଅଧୀନରେ ଗତ ସନ୍ଧ୍ୟାରେ ଇରାନ୍‌ର ମସ୍‌ହାଦରୁ ଏକ ସ୍ୱତନ୍ତ୍ର ବିମାନରେ ୨୯୦ ଜଣ ଭାରତୀୟ ନୂଆଦିଲ୍ଲୀରେ ଆସି ପହଞ୍ଚିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏଥିରେ ଜଣେ ଶ୍ରୀଲଙ୍କା ନାଗରୀକ ମଧ୍ୟ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏହାକୁ ମିଶାଇ ଏପର୍ଯ୍ୟନ୍ତ ୨ହଜାର ୩ ଜଣ ଭାରତୀୟଙ୍କୁ ଇରାନ୍‌ରୁ ସୁରକ୍ଷିତ ସ୍ୱଦେଶ ଫେରାଇ ଅଣାଯାଇଛି ।

ବୈଦେଶିକ ମନ୍ତ୍ରଣାଳୟ କହିଛି, ଅପରେସନ୍ ସନ୍ଧୁ ଅଧୀନରେ ଜୋର୍ଡ଼ାନ୍‌ର ଅମ୍ମାନ୍‌ରୁ ୧୬୧ ଜଣ ଭାରତୀୟଙ୍କ ପ୍ରଥମ ଦଳ ଆଜି ଦିଲ୍ଲୀରେ ଆସି ପହଞ୍ଚିବେ । ସେମାନଙ୍କୁ ଇସ୍ରାଏଲ୍‌ରୁ ସଡ଼କପଥରେ ଅମ୍ମାନ୍‌କୁ ସ୍ଥାନାନ୍ତର କରାଯାଇଥିଲା । ଇରାନ୍ ଏବଂ ଇସ୍ରାଏଲ୍ ମଧ୍ୟରେ ସଂଘର୍ଷ ପରିପ୍ରେକ୍ଷୀରେ

ସରକାରଙ୍କ ପକ୍ଷରୁ ଅପରେସନ୍ ସିନ୍ଧୁ ଅଧୀନରେ ଭାରତୀୟ ନାଗରୀକଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ଫେରାଇ ଆଣିବାର ପ୍ରୟାସ ଜାରି ରହିଛି ।

## ୟୁନିଫାଏଡ୍-ପେନ୍‌ସନ୍ ସ୍କିମ୍

ଏକୀକୃତ ପେନ୍‌ସନ୍ ଯୋଜନାରେ ସାମିଲ ହେବା ପାଇଁ ସମୟ ଅବଧିକୁ ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଯଦିଓ କେନ୍ଦ୍ର ସରକାରୀ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ ଏବଂ ପରଲୋକଗତ ଅବସରପ୍ରାପ୍ତ କର୍ମଚାରୀଙ୍କ ବିବାହିତ ପତି କିମ୍ବା ପତ୍ନୀ ଏହି ସମୟ ମଧ୍ୟରେ ଆବେଦନ କରିପାରିବେ ।

ସୂଚନା ଯୋଗ୍ୟ କେନ୍ଦ୍ର ସରକାର କର୍ମଚାରୀଙ୍କ ପାଇଁ ଏକୀକୃତ ପେନ୍‌ସନ୍ ଯୋଜନା ସଂକ୍ରାନ୍ତ ଅଧିସୂଚନା ଗତ ଜାନୁଆରୀ ମାସରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଥିଲା । ନିୟମ ଅନୁଯାୟୀ ଯୋଗ୍ୟ ସରକାରୀ କର୍ମଚାରୀ ଜାତୀୟ ପେନ୍‌ସନ୍ ବ୍ୟବସ୍ଥାରୁ ଏକୀକୃତ ପେନ୍‌ସନ୍ ବ୍ୟବସ୍ଥାକୁ ସ୍ଥାନାନ୍ତର ହେବା ପାଇଁ ବିକଳ୍ପ ବ୍ୟବହାର ନିମନ୍ତେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା ।

## ଶାହା – ଜୋନାଲ୍ କାଉନ୍‌ସିଲିଂ ମିଟିଂ

କେନ୍ଦ୍ରୀୟ ଜୋନାଲ୍ ପରିଷଦର ୨୫ତମ ବୈଠକ ଆଜି ଉତ୍ତର ପ୍ରଦେଶର ବାରାଣସୀଠାରେ ଅନୁଷ୍ଠିତ ହେବ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ

ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ସଦସ୍ୟ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ମନ୍ତ୍ରିମଣ୍ଡଳର ଦୁଇ ଜଣ ଲେଖାଏଁ ବରିଷ୍ଠ ମନ୍ତ୍ରୀ ଯୋଗଦେବେ । କେନ୍ଦ୍ରୀୟ ଜୋନାଲ୍ ପରିଷଦରେ ଛତିଶଗଡ଼, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଉତ୍ତର ପ୍ରଦେଶ ରାଜ୍ୟ ରହିଛନ୍ତି । ବିଭିନ୍ନ କ୍ଷେତ୍ରରେ ପାରସ୍ପରିକ ବୁଝାମଣା ଏବଂ ସହଯୋଗକୁ ସୁଦୃଢ଼ କରିବାରେ ଜୋନାଲ୍ ପରିଷଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ମହିଳା ଏବଂ ଶିଶୁଙ୍କ ବିରୋଧରେ ଯୌନ ଅପରାଧ ମାମଲାଗୁଡ଼ିକର ତ୍ୱରିତ ତଦନ୍ତ ଏବଂ ସମାଧାନ ପାଇଁ ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର ଅଦାଲତଗୁଡ଼ିକର କାର୍ଯ୍ୟକାରିତା ନେଇ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି । ସବୁ ରାଜ୍ୟ, କେନ୍ଦ୍ରୀୟ ମନ୍ତ୍ରଣାଳୟ ତଥା ବିଭାଗ ସହଯୋଗରେ ଗତ ଦଶନ୍ଧି ମଧ୍ୟରେ ବିଭିନ୍ନ ଜୋନାଲ୍ ପରିଷଦ ଏବଂ ସେଗୁଡ଼ିକର ସ୍ଥାୟୀ କମିଟିର ମୋଟ୍ ୬୧ଟି ବୈଠକ ଅନୁଷ୍ଠିତ ହୋଇଛି ।

## ଏନ୍‌ଏସ୍‌ଏ-ଚାଇନା ଏଫ୍‌ଏମ୍ ଟକ୍ସ

ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ଗତକାଲି ବେଜିଂ ଠାରେ ଚୀନ୍‌ର ବୈଦେଶିକ ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ଇ’ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଆଞ୍ଚଳିକ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ତଥା ସମସ୍ତ ପ୍ରକାର ଆତଙ୍କବାଦର ମୁକାବିଲା ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ମତବିନିମୟ ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଉଭୟପକ୍ଷ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ବିସ୍ତୃତ ଆଲୋଚନା କରିଛନ୍ତି । ଉଭୟ ଦେଶ ମଧ୍ୟରେ ସାମଗ୍ରୀକ ବିକାଶକୁ

ପ୍ରୋତ୍ସାହନ ପ୍ରଦାନ କରିବା  ନେଇ ଗୁରୁତ୍ୱାରୋପ କରିଛନ୍ତି । ଶ୍ରୀ ଡୋଭାଲ୍ କହିଛନ୍ତି, ଉଭୟ ଦେଶ ମଧ୍ୟରେ ୨୪ତମ ପର୍ଯ୍ୟାୟ ସ୍ୱତନ୍ତ୍ର ପ୍ରତିନିଧି ଆଲୋଚନା ପାଇଁ ପାରସ୍ପରିକ ସହମତିରେ ତାରିଖ ନିର୍ଣ୍ଣୟ କରିବାକୁ ଶ୍ରୀ ଇ'ଙ୍କ ସହ ଆଲୋଚନା ହୋଇଛି । ଏସ୍.ସି.ଓ. ସୁରକ୍ଷା ପରିଷଦ ସଚିବଙ୍କ ୨୦ତମ ବୈଠକରେ ଯୋଗଦେବା ପାଇଁ ଶ୍ରୀ ଡୋଭାଲ୍ ଏବେ ଚୀନ୍ ଗସ୍ତରେ ଯାଇଛନ୍ତି ।

## କାତାର-ୟୁଏସ୍ ଏୟାର୍‌ବେଶ୍ ଷ୍ଟ୍ରାଇକ୍

କାତାରର ଅଲ୍ ଉଦେଦ୍ ଆମେରିକା ଘାଟି ଉପରେ ଇରାନ୍‌ର ଆକ୍ରମଣକୁ କାତାର ପ୍ରତିରକ୍ଷା ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ଏହାର ଜବାବରେ କାତାର ସିଧାସଳଖ ଆକ୍ରମଣ କରିବାର ଅଧିକାରକୁ ସଂରକ୍ଷଣ ରଖିଛି ବୋଲି ମନ୍ତ୍ରଣାଳୟ ଘୋଷଣା କରିଛି । ତେବେ ଏହି ଆକ୍ରମଣରେ କୌଣସି କ୍ଷତି କିମ୍ବା କେହି ମୃତାହତ ହେବାର ଖବର ହସ୍ତଗତ ହୋଇନାହିଁ । ମନ୍ତ୍ରଣାଳୟର ମୁଖପାତ୍ର ମାଜେଦ୍ ଅଲ୍ ଅନ୍‌ସାରୀ କହିଛନ୍ତି, ଇରାନ୍‌ର ଏହି କ୍ଷେପଣାସ୍ତ୍ର ଆକ୍ରମଣ କାତାର୍‌ର ସାର୍ବଭୌମତ୍ୱ, ବାୟୁସେନା, ଆନ୍ତର୍ଜାତିକ ଆଇନ୍ ଓ ଜାତିସଂଘ ମାର୍ଗଦର୍ଶିକା ଖୋଲା ଉଲ୍ଲଙ୍ଘନ । ଏହାକୁ ସେ ଦୃଢ଼ ନିନ୍ଦା କରିବା ସହ ସାମରିକ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି । ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

ସୂଚନା ଯୋଗ୍ୟ ଇରାକ୍ ଏବଂ କାତାରରେ ଥିବା ଆମେରିକୀୟ ଘାଟି ଗୁଡ଼ିକ ଉପରେ ଇରାନ୍ ପକ୍ଷରୁ ୬ଟି କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା । ତେବେ ଆମେରିକାର ପାଟ୍ରିୟଟ୍ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ଏହାକୁ ପ୍ରତିହତ କରିଥିବା ସୂଚନା ଦିଆଯାଇଛି । ହ୍ୱାଇଟ୍ ହାଉସ୍ କହିଛି, ପରିସ୍ଥିତି ଉପରେ କଡ଼ା ନଜର ରଖାଯାଇଛି ।

## ଟ୍ରମ୍ପ୍-ଇରାନ୍-ଇସ୍ରାଏଲ୍ ସିଜ୍ ଫାୟାର୍

ଇରାନ୍ ଏବଂ ଇସ୍ରାଏଲ୍ ସମ୍ପୂର୍ଣ୍ଣ ଯୁଦ୍ଧ ବିରତି ପାଇଁ ସହମତ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି । ଖୁବ୍ ଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ସେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇଛନ୍ତି । କାତାରର ଆମେରିକୀୟ ବିମାନ ଘାଟି ଉପରେ ଇରାନ୍‌ର କ୍ଷେପଣାସ୍ତ୍ର ଆକ୍ରମଣର କିଛି ସମୟ ପରେ ଗତ ରାତିରେ ଶ୍ରୀ ଟ୍ରମ୍ପ୍ ଏହି ଘୋଷଣା କରିଛନ୍ତି । ଏହି ଯୁଦ୍ଧ ବିରତି ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରି ହେବ ବୋଲି ଶ୍ରୀ ଟ୍ରମ୍ପ୍ କହିଛନ୍ତି । ପ୍ରଥମେ ଇରାନ୍ ଯୁଦ୍ଧବିରତି ଆରମ୍ଭ କରିବ ଏବଂ ପରବର୍ତ୍ତୀ ୧୨ ଘଣ୍ଟାରେ ଇସ୍ରାଏଲ୍ ଏଥିପାଇଁ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବ ବୋଲି ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି ।

ଅନ୍ୟ ପକ୍ଷରେ ଇରାନ୍‌ର ଜଣେ ବରିଷ୍ଠ ଅଧିକାରୀ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁଯାୟୀ କାତାରର ଅନୁରୋଧ କ୍ରମେ ତେହେରାନ ଯୁଦ୍ଧ ବିରତି ପାଇଁ ରାଜି ହୋଇଛି । ଇସ୍ରାଏଲ୍ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ

ବେଞ୍ଜାମିନ୍ ନେତାନ୍ୟାହୁ ମଧ୍ୟ ଏଥିପାଇଁ ସମ୍ମତି ପ୍ରଦାନ କରିଛନ୍ତି । ତେବେ ଇରାନ୍ ପକ୍ଷରୁ କ୍ଷେପଣାସ୍ତ୍ର ମାଡ଼ ବନ୍ଦ ହେବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

## ଅଏଲ୍ ପ୍ରାଇସ୍

କାତାରର ଅଲ୍ ଉଦେଦ୍ ଆମେରିକା ଘାଟି ଉପରେ ଇରାନ୍‌ର ଆକ୍ରମଣ ପରେ ବିଶ୍ୱସ୍ତରରେ ତୈଳ ମୂଲ୍ୟ ହ୍ରାସ ପାଇଛି । ଗତ ୫ ବର୍ଷ ମଧ୍ୟରେ ଗୋଟିଏ ଦିନରେ ଏହା ସବୁଠାରୁ ଅଧିକ ହ୍ରାସ ବୋଲି ଆକଳନ କରାଯାଇଛି । ତୈଳ ମୂଲ୍ୟ ୬ ପ୍ରତିଶତରୁ ଅଧିକ ହ୍ରାସ ପାଇ ପ୍ରତି ବ୍ୟାରେଲ୍ ପିଛା ୫ ଆମେରିକୀୟ ଡଲାର୍ କମିଛି । ଇରାନ୍‌ର ପରମାଣୁ ପ୍ରତିଷ୍ଠାନ ଉପରେ ଆମେରିକାର ଆକ୍ରମଣ ଏବଂ ଇରାନ୍‌ର ପ୍ରତିଶୋଧ ମୂଳକ ଆକ୍ରମଣ ପରିପ୍ରେକ୍ଷୀରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି । ସଂଘର୍ଷ ପରିପ୍ରେକ୍ଷୀରେ ଗତ ସପ୍ତାହର ଶେଷ ଆଡ଼କୁ ତୈଳ ବଜାର ବୃଦ୍ଧି ପାଇଥିଲା ଏବଂ ତୈଳ ବିକ୍ରି ଅଧିକ ତ୍ୱରାନ୍ୱିତ ହେବା ଆରମ୍ଭ କରିଛି ।

## ଟେଷ୍ଟ କ୍ରିକେଟ୍

ହେଡିଂଲେ ଟେଷ୍ଟର ଆଜି ପଞ୍ଚମ ତଥା ଅନ୍ତିମ ଦିବସରେ ଇଂଲଣ୍ଡର ଦ୍ୱିତୀୟ ଇନିଂସ ବ୍ୟାଟିଂ ଜାରି ରହିବ । ଗତକାଲିର ସ୍କୋର କୌଣସି ୱିକେଟ୍ ନ ହରାଇ ୨୧ ରନ୍‌ରୁ ଇଂଲଣ୍ଡ ତାର ବ୍ୟାଟିଂ ଆରମ୍ଭ କରିବ । ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଏହି ପ୍ରଥମ ଟେଷ୍ଟ ମ୍ୟାଚ୍‌କୁ ଜିତିବା ପାଇଁ ଭାରତ ଇଂଲଣ୍ଡ ସମ୍ମୁଖରେ ୩୭୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ମ୍ୟାଚ୍‌କୁ ଜିତିବା ପାଇଁ

ଆଜି ଶେଷ ଦିନରେ ଇଂଲଣ୍ଡ ୩୫୦ରନ୍ ଆବଶ୍ୟକ କରୁଥିବାବେଳେ ଭାରତ ୧୦ଟି ଉ୍ୱିକେଟ୍ ହାସଲ କରିବାକୁ ଚେଷ୍ଟା କରିବ । ଭାରତ ତାର ଦ୍ୱିତୀୟ ଇନିଂସରେ ସମସ୍ତ ଉ୍ୱିକେଟ ହରାଇ ୩୬୪ରନ୍ ସଂଗ୍ରହ କରିଛି । କେ.ଏଲ୍. ରାହୁଲ ସର୍ବାଧିକ ୧୩୭ ଏବଂ ରିଷଭ ପନ୍ଥ ୧୧୮ରନ୍ ସଂଗ୍ରହ କରିଥିଲେ । ଏହି ଶତକ ସହ ଗୋଟିଏ ଟେଷ୍ଟ ମ୍ୟାଚ୍‌ରେ ଦୁଇଟିଯାକ ଇଂନିସରେ ଶତକ ହାସଲ କରିବାରେ ରିଷଭ ପନ୍ଥ ଏସିଆର ପ୍ରଥମ ଉ୍ୱିକେଟ୍‌କିପର ବ୍ୟାଟସ୍‌ମ୍ୟାନ୍ ହୋଇଛନ୍ତି । ପ୍ରଥମ ଇନିଂସରେ ପନ୍ଥା ୧୩୪ରନ୍ ସଂଗ୍ରହ କରିଥିଲେ ।

ସୂଚନା ଯୋଗ୍ୟ ଭାରତ ପ୍ରଥମ ଇନିଂସରେ ୪୭୧ ଏବଂ ଦ୍ୱିତୀୟ ଇନିଂସରେ ୩୬୪ରନ୍ ଓ ଇଂଲଣ୍ଡ ପ୍ରଥମ ଇନିଂସରେ ୪୬୫ରନ୍ ସଂଗ୍ରହ କରିଛି ।

## ଫୁଟବଲ୍ ଉ୍ୱମେନ୍ ଏସିଆକପ୍

ଏ.ଏଫ୍.ସି. ମହିଳା ଏସିଆନ୍ କପ୍ ୨୦୨୬ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ଗତକାଲି ବିଜୟ ହାସଲ କରିଛି । ଥାଇଲାଣ୍ଡ ଠାରେ ଖେଳାଯାଇଥିବା ଗ୍ରୁପ୍-ବିର ମ୍ୟାଚ୍‌ରେ ଭାରତ ମଙ୍ଗୋଲିଆକୁ ରେକର୍ଡ ସଂଖ୍ୟକ ୧୩-୦ ଗୋଲ୍‌ରେ ପରାସ୍ତ କରିଛି । ଭାରତୀୟ ମହିଳା ଫୁଟବଲ୍ ଦଳର ପ୍ରତିପକ୍ଷ ବିରୁଦ୍ଧରେ ଏହା ସବୁଠାରୁ ବଡ଼ ବିଜୟ । ପୂର୍ବରୁ ୧୯୯୭ ଏବଂ ୨୦୦୫ରେ ଭାରତ ଗୁଆମ ବିରୁଦ୍ଧରେ ୧୦ଟି ଗୋଲ୍ ବ୍ୟବଧାନରେ ବିଜୟ ହାସଲ କରିଥିଲା । ଆସନ୍ତା ରବିବାର ଦିନ ପରବର୍ତ୍ତୀ ମ୍ୟାଚ୍‌ରେ

ଭାରତ ଟିମୋର୍ ଲିସ୍ତେକୁ ଭେଟିବ । ଗ୍ରୁପ୍-ବିରେ  ଅନ୍ୟ ଦଳ ଗୁଡ଼ିକ ମଧ୍ୟରେ ଥାଇଲାଣ୍ଡ ଏବଂ ଇରାନ୍ ଅଛନ୍ତି ।